# NATIONAL NEWS BULLETIN (ODIA)
## 19 January - 2025
## Evening Bulletin : 7.15 P.M.

*********************************

## ମୁଖ୍ୟ ସମ୍ବାଦ

- ଆଧୁନିକ ମହାକାଶ ପ୍ରଯୁକ୍ତି ବିଦ୍ୟାରେ ଭାରତର ସଫଳତାକୁ ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଉଚ୍ଚପ୍ରଶଂସା କଲେ ପ୍ରଧାନମନ୍ତ୍ରୀ ।
- ଏଣିକି ଅନଲାଇନ୍‌ରେ ସହଜରେ ଇପିଏଫ୍ଓ ସଦସ୍ୟମାନେ କରିପାରିବେ ନିଜର ପ୍ରୋଫାଇଲ୍ ଅପଡେଟ୍ ।
- ଭାରତୀୟ ସମ୍ବିଧାନର ୭୫ ବର୍ଷ ପୂର୍ତ୍ତି ଅବସରରେ ଆସନ୍ତାକାଲିଠାରୁ ନୂଆଦିଲ୍ଲୀରେ ଡାକ ବିଭାଗ ଆୟୋଜନ କରିବ ତିନିଦିନିଆ କାର୍ଯ୍ୟକ୍ରମ ।
- ଇସ୍ରାଏଲ ଓ ହମାସ ମଧ୍ୟରେ ଅସ୍ତ୍ରବିରତି ଚୁକ୍ତିର ପ୍ରଥମ ପର୍ଯ୍ୟାୟରେ ଆଜି ଆରମ୍ଭ ହେଲା ବନ୍ଧକ ମୁକ୍ତି ପ୍ରକ୍ରିୟା

ଏବଂ

- ହକି ଇଣ୍ଡିଆ ଲିଗ୍‌ର ମହିଳା ବର୍ଗରେ ଓଡ଼ିଶା ୱାରିୟର୍ସ ଓ ବେଙ୍ଗଲ ଟାଇଗର୍ସ ମଧ୍ୟରେ ମ୍ୟାଚ ଜାରି

# ମନ୍ କି ବାତ୍

ଆଧୁନିକ ମହାକାଶ ପ୍ରଯୁକ୍ତି ବିଦ୍ୟାରେ ଭାରତର ସଫଳତା ଏବଂ ମହାକାଶ କ୍ଷେତ୍ରରେ ବୃଦ୍ଧି ପାଉଥିବା ଘରୋଇ ସମ୍ଭାବନାକୁ ପ୍ରଧାନମନ୍ତ୍ରୀ ଉଚ୍ଚ ପ୍ରଶଂସା କରିଛନ୍ତି । ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଆଜି ପ୍ରଧାନମନ୍ତ୍ରୀ ଆସନ୍ତା ରବିବାର ଦିନ ପାଳିତ ହେବାକୁ ଥିବା ୭୬ତମ ସାଧାରଣତନ୍ତ୍ର ଦିବସ ଅବସରରେ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସମ୍ବିଧାନ ପ୍ରସ୍ତୁତି ଏବଂ ପ୍ରଣୟନରେ ଯୋଗଦାନ କରିଥିବା ବାବାସାହେବ ଆମ୍ବେଦକରଙ୍କ ସମେତ ସମ୍ବିଧାନ ସଭା ସଦସ୍ୟଙ୍କୁ ପ୍ରଧାନମନ୍ତ୍ରୀ ଏହି ଅବସରରେ ସ୍ମରଣ କରିଛନ୍ତି ।

ଆସନ୍ତା ୨୩ ତାରିଖରେ ନେତାଜୀ ସୁଭାସଚନ୍ଦ୍ର ବୋଷଙ୍କ ଜୟନ୍ତୀକୁ ପରାକ୍ରମ ଦିବସ ଭାବେ ପାଳନ କରାଯିବା ନେଇ ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିବା ସହ ନେତାଜୀଙ୍କ ଜୀବନାଦର୍ଶ ଉପରେ ଆଲୋଚନା କରିଥିଲେ ।

ସେହିଭଳି, ଆସନ୍ତା ୨୫ ତାରିଖରେ ପାଳିତ ହେବାକୁ ଥିବା ଜାତୀୟ ଭୋଟର ଦିବସର ଗୁରୁତ୍ୱ ବିଷୟରେ ପ୍ରଧାନମନ୍ତ୍ରୀ ଆଲୋକପାତ କରିଥିଲେ ।

# ଇପିଏଫ୍‌ଓ- ମେମ୍ବର ପ୍ରୋଫାଇଲ୍

କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଂଗଠନ (ଇପିଏଫଓ)ର ସଦସ୍ୟମାନେ ଏଣିକି ଅନଲାଇନ୍‌ରେ ସହଜରେ ନିଜର ପ୍ରୋଫାଇଲ୍ ଅପଡେଟ୍ କରିପାରିବେ। ଯେଉଁ ସଦସ୍ୟଙ୍କ ୟୁନିଭର୍ସାଲ ଆକାଉଣ୍ଟ ନମ୍ବର ଆଧାର ଜରିଆରେ ବୈଧ ହୋଇସାରିଛି ସେମାନେ ନିଜ ପ୍ରୋଫାଇଲରେ ଥିବା ନାମ, ଜନ୍ମ ତାରିଖ, ଲିଙ୍ଗ, ଜାତୀୟତା, ପିତା କିମ୍ବା ମାତାଙ୍କ ନାମ, ପ୍ରଭୃତି ତଥ୍ୟକୁ କୌଣସି ଦସ୍ତାବିଜ ଅପଲୋଡ ନକରି ଅପଡେଟ୍ କରିପାରିବେ । ଶ୍ରମ ଓ ନିଯୁକ୍ତି ମନ୍ତ୍ରଣାଳୟ କହିଛି, ଏହି ସଂଶୋଧନ ଦ୍ୱାରା ପ୍ରାୟ ୩ ଲକ୍ଷ ୯୦ ହଜାର ସଦସ୍ୟ ଉପକୃତ ହେବେ। ଏହି ସଦସ୍ୟମାନଙ୍କର ଅନୁରୋଧ ବିଭିନ୍ନ ପର୍ଯ୍ୟାୟରେ ବିଚାରାଧୀନ ରହିଛି। ମନ୍ତ୍ରଣାଳୟ କହିଛି, ଇପିଏଫଓର ଡାଟାବେସରେ ଇପିଏଫ ସଦସ୍ୟଙ୍କ ବ୍ୟକ୍ତିଗତ ଡାଟାର ନିରନ୍ତରତା ଏବଂ ସତ୍ୟତା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଟେ ଯାହା ଦ୍ୱାରା ନିରବଚ୍ଛିନ୍ନ ସେବା ପ୍ରଦାନ କରାଯାଇପାରିବ। କେବଳ, କେତେକ କ୍ଷେତ୍ରରେ ଯେଉଁଠାରେ ୧ ଅକ୍ଟୋବର ୨୦୧୭ ପୂର୍ବରୁ ୟୁନିଭର୍ସାଲ ଆକାଉଣ୍ଟ ନମ୍ବର ପ୍ରାପ୍ତ ହୋଇଥିଲା ସେଠାରେ ନିଯୁକ୍ତିଦାତାଙ୍କ ପ୍ରମାଣିକରଣର ଆବଶ୍ୟକତା ପଡ଼ିବ ବୋଲି ଇପିଏଫ୍‌ଓ ପକ୍ଷରୁ କୁହାଯାଇଛି।

# ପିଏମ୍-ଏନ୍‌ଡିଆରଏଫ୍

ଜାତୀୟ ବିପର୍ଯ୍ୟୟ ମୁକାବିଲା ବାହିନୀ– ଏନ.ଡି.ଆର.ଏଫ.ର ପ୍ରତିଷ୍ଠା ଦିବସ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହାର ବୀର ଯବାନମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ଏନ.ଡି.ଆର.ଏଫ.ର ବୀର ଯବାନଙ୍କ ସାହସ, ନିଷ୍ଠା ଓ ନିଃସ୍ୱାର୍ଥପର ସେବାକୁ ଶ୍ରୀ ମୋଦି ପ୍ରଶଂସା କରିଛନ୍ତି। ଜୀବନ ବଞ୍ଚାଇବା, ବିପର୍ଯ୍ୟୟର ମୁକାବିଲା ଏବଂ ଜରୁରୀକାଳୀନ ପରିସ୍ଥିତିରେ ନିରାପତ୍ତା ସୁନିଶ୍ଚିତ କରିବା ଦିଗରେ ସେମାନଙ୍କର ଅତୁଟ ପ୍ରତିବଦ୍ଧତା ପ୍ରଶଂସନୀୟ ବୋଲି ସେ କହିଛନ୍ତି। ବିପର୍ଯ୍ୟୟ ମୁକାବିଲା ଏବଂ ପରିଚାଳନାରେ ଏନ୍.ଡି.ଆର୍.ଏଫ୍ ବିଶ୍ୱସ୍ତରୀୟ ମାନଦଣ୍ଡ ସ୍ଥିର କରିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

# ଶାହା- ଆନ୍ଧ୍ରପ୍ରଦେଶ ଭିଜିଟ୍

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା କହିଛନ୍ତି, ବିପର୍ଯ୍ୟୟ ପରିଚାଳନା ବ୍ୟବସ୍ଥାରେ ରିଲିଫ କୈନ୍ଦ୍ରୀକ ଆଭିମୁଖ୍ୟ ଏବେ ଶୂନ୍ୟ ମୃତ୍ୟୁ ଆଭିମୁଖ୍ୟକୁ ପରିବର୍ତ୍ତିତ ହୋଇଛି। ସେ କହିଛନ୍ତି, ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଏନ୍.ଡି.ଆର୍.ଏଫ୍ ଲୋକଙ୍କ ମଧ୍ୟରେ ବିଶ୍ୱାସ ସୃଷ୍ଟି କରିପାରିଛି । କିଛିଦିନ ପୂର୍ବରୁ ଦେଶରେ ହୋଇଥିବା ବାତ୍ୟାରେ ଶୂନ୍ୟ କ୍ଷୟକ୍ଷତି ସୁନିଶ୍ଚିତ କରିଥିବାରୁ ସେ ଏନ୍.ଡି.ଆର୍.ଏଫ.କୁ ଅଭିନନ୍ଦନ ଜଣାଇଛନ୍ତି ।

ଏନ୍.ଡି.ଆର୍.ଏଫ ଦେଶର ସୀମା ବାହାରେ ମଧ୍ୟ ଭାରତକୁ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଏକ ଅଗ୍ରଣୀ ରାଷ୍ଟ୍ର ଭାବରେ ଅବସ୍ଥାପିତ କରୁଥିବା ବିଜୟୱାଡାରେ ଏନ.ଡି.ଆର.ଏଫ.ର ବିଂଶ ପ୍ରତିଷ୍ଠା ଦିବସ ସମାରୋହରେ ଯୋଗଦେଇ ସ୍ୱରାଷ୍ଟ୍ର ମନ୍ତ୍ରୀ କହିଛନ୍ତି। ଗୃହମନ୍ତ୍ରୀ ଆନ୍ଧ୍ରପ୍ରଦେଶର କ୍ରିଷ୍ଣା ଜିଲ୍ଲାର କୋଣ୍ଡାପାବୁଲୁରୁଠାରେ ଜାତୀୟ ବିପର୍ଯ୍ୟୟ ପରିଚାଳନା ପ୍ରତିଷ୍ଠାନ (ଏନଆଇଡିଏମ)ର ଦକ୍ଷିଣ କ୍ୟାମ୍ପସକୁ ଉଦଘାଟନ କରିଛନ୍ତି। ବିଜୟୱାଡାରେ ଏନ୍.ଡି.ଆର୍.ଏଫ.ର ଦଶମ ବାଟାଲିୟନ କ୍ୟାମ୍ପସ, ବିହାରର ସୁପୌଲରେ ଏନ୍.ଡି.ଆର୍.ଏଫ୍.ର ଆଞ୍ଚଳିକ ପ୍ରତିକ୍ରିୟା କେନ୍ଦ୍ର, ତିରୁପତିରେ ଆଞ୍ଚଳିକ ଫରେନସିକ୍ ସାଇନ୍ସ ଗବେଷଣାଗାର ଏବଂ ଗୋରଖପୁରରେ ଏନ୍.ଡି.ଆର୍.ଏଫ୍.ର ଆଞ୍ଚଳିକ ପ୍ରତିକ୍ରିୟା କେନ୍ଦ୍ରର ଆଭାସୀ ମାଧ୍ୟମରେ ଶିଳାନ୍ୟାସ କରିଥିଲେ।

## ପୋଷ୍ଟ- ୭୫ ବର୍ଷ କନ୍‌ଷ୍ଟିଚ୍ୟୁସନ

ଭାରତୀୟ ସମ୍ବିଧାନ ପ୍ରଣୟନର ୭୫ ବର୍ଷ ପୂର୍ତ୍ତି ଉପଲକ୍ଷେ ଡାକ ବିଭାଗ ପକ୍ଷରୁ ଆସନ୍ତାକାଲି ନୂଆଦିଲ୍ଲୀରେ ତିନି ଦିନିଆ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଜାତୀୟ ଡାକଟିକଟ ସଂଗ୍ରହାଳୟରେ ଆୟୋଜିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ସବୁ ବୟସର ପର୍ଯ୍ୟଟକଙ୍କ ପାଇଁ ବିଭିନ୍ନ ପ୍ରକାରର ଆକର୍ଷଣୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି ଉତ୍ସବରେ

ପ୍ରଦର୍ଶନୀ, କୁଇଜ୍, ଷ୍ଟାମ୍ପ ସଫାରି ଓ ଚିଠି ଲେଖା ପ୍ରତିଯୋଗିତା ଆୟୋଜନ କରାଯିବ।

ଯୋଗାଯୋଗ ମନ୍ତ୍ରଣାଳୟ କହିଛି, ନାଗରିକମାନଙ୍କୁ ସମ୍ବିଧାନର ମୂଲ୍ୟବୋଧ ପ୍ରତିଫଳିତ କରିବାରେ ନିୟୋଜିତ କରିବା ସହିତ ସେମାନଙ୍କ ମଧ୍ୟରେ ଏକତା ଏବଂ ଜାତୀୟ ଗୌରବର ଭାବନାକୁ ଜାଗ୍ରତ କରିବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ।

## ମହାକୁମ୍ଭ ଫାୟାର

ପ୍ରୟାଗରାଜ ମହାକୁମ୍ଭ ମେଳାର ସେକ୍ଟର ୧୯ରେ ଆଜି ଅଗ୍ନିକାଣ୍ଡ ଘଟିଛି। ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ସୂଚନା ଦେଇ ମହାକୁମ୍ଭ-୨୦୨୫ର ଆୟୋଜକଙ୍କ ପକ୍ଷରୁ ଏହା କୁହାଯାଇଛି। ତମ୍ବୁ ତଳେ ରୋଷେଇ କଲାବେଳେ ଘଟିଥିବା ଏହି ଦୁର୍ଘଟଣାକୁ ତୁରନ୍ତ ଆୟତ କରାଯାଇପାରିଥିଲା। ଏହି ଘଟଣାରେ ଜଣେ ଆହତ ହୋଇଥିବାରୁ ତାଙ୍କୁ ନିକଟସ୍ଥ ହସ୍ପିଟାଲକୁ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିବା ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଏବେ ପରିସ୍ଥିତି ସ୍ୱାଭାବିକ ଥିବା ଜଣାପଡ଼ିଛି।

# ଭାରତ ଗ୍ଲୋବାଲ ଏକ୍ସପୋ

ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ରେ ଆଜି ଭାରତ ମୋବିଲିଟି ଗ୍ଲୋବାଲ୍ ଏକ୍ସପୋ ୨୦୨୫ରେ ୨୨ଟି ବିଭିନ୍ନ ବ୍ରାଣ୍ଡର ୫୬ଟି ନୂଆ ଉତ୍ପାଦ ଉନ୍ମୋଚିତ ହୋଇଛି। ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛ, ସୁପର ବାଇକ, କାରସ, ବସ୍ ଏବଂ ଆମ୍ବୁଲାନ୍ସ ଠାରୁ ଆରମ୍ଭ କରି ବିଭିନ୍ନ ଅତ୍ୟାଧୁନିକ ଯାନ,  ମୋବିଲିଟି ସଲ୍ୟୁସନ୍ ଓ ଯନ୍ତ୍ରାଂଶ ପ୍ରଦର୍ଶନ କରାଯାଇଛି। ଶୁକ୍ରବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଗ୍ଲୋବାଲ୍ ଏକ୍ସପୋର ଶୁଭାରମ୍ଭ କରିଥିଲେ।

ନୂଆଦିଲ୍ଲୀର ଭାରତ ମଣ୍ଡପମ୍, ଯଶୋଭୂମି ଏବଂ ଗ୍ରେଟର ନୋଏଡାର ଇଣ୍ଡିଆ ଏକ୍ସପୋ ସେଣ୍ଟର ଆଣ୍ଡ ମାର୍ଟରେ ଏହି ୬ ଦିନିଆ ଏକ୍ସପୋ ଚାଲିଛି। ମନ୍ତ୍ରଣାଳୟ କହିଛି, ଏହି ଏକ୍ସପୋ ସମଗ୍ର ଭାରତୀୟ ଅଟୋମୋଟିଭ୍ ଏବଂ ମୋବିଲିଟି ଇକୋସିଷ୍ଟମକୁ ଗୋଟିଏ ଛାତ ତଳେ ଏକାଠି କରିବା ପାଇଁ ଏକ ଐତିହାସିକ କାର୍ଯ୍ୟକ୍ରମ।

# ଆର୍‌ପିଏଫ୍-ବାଂଲାଦେଶ

ରେଳ ସୁରକ୍ଷା ବଳ (ଆରପିଏଫ) ଗତ ୪ ବର୍ଷ ମଧ୍ୟରେ  ୫୮୬ ବାଂଲାଦେଶୀ ନାଗରିକ ଏବଂ ୩୧୮ ରୋହିଙ୍ଗ୍ୟାଙ୍କୁ  ଗିରଫ କରିଛି। ବେଆଇନ ଭାବେ ଏହି ବିଦେଶୀ ନାଗରିକମାନେ ଆସାମ ଦେଇ

ଭାରତରେ ପ୍ରବେଶ ପରେ ଏବଂ ରେଳବାଇ ଦ୍ୱାରା ଦେଶର ବିଭିନ୍ନ ସ୍ଥାନକୁ ଯାଉଛନ୍ତି । ରେଳ ମନ୍ତ୍ରଣାଳୟ କହିଛି, ଆର୍‌.ପି.ଏଫ’ ସୀମା ସୁରକ୍ଷା ବଳ, ସ୍ଥାନୀୟ ପୋଲିସ ଏବଂ ଗୁଇନ୍ଦା ୟୁନିଟ୍‌ ସହ ମିଶି ରେଳ ନେଟଓ୍ୱର୍କରେ ବେଆଇନ ଅନୁପ୍ରବେଶ ରୋକିପାରିଛି । ରେଳ ମନ୍ତ୍ରଣାଳୟ କହିଛି, ଏହି ଆନ୍ତଃ-ଏଜେନ୍ସି ଆଭିମୁଖ୍ୟ ପରିଚାଳନା ଦକ୍ଷତାକୁ ଯଥେଷ୍ଟ ବୃଦ୍ଧି କରିଛି, ଯାହା ବେଆଇନ ସ୍ଥାନାନ୍ତରରେ ସମ୍ପୃକ୍ତ ବ୍ୟକ୍ତିମାନଙ୍କୁ ଶୀଘ୍ର ଚିହ୍ନଟ କରି ଅଟକ ରଖିବାରେ ସକ୍ଷମ ହୋଇଛି ।

## ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍‌ ଇନ୍‌ କାର୍ଯ୍ୟକ୍ରମ **ପବ୍ଲିକ୍‌ ସ୍ପିକ୍‌**ରେ ଆଜି ରାତି ସାଢ଼େ ୯ଟାରେ ‘ସଡ଼କ ନିରାପତ୍ତା ସୁନିଶ୍ଚିତତା’ ଶୀର୍ଷକ ଆଲୋଚନାର ପ୍ରଚାର କରାଯିବ । ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟର ଅତିରିକ୍ତ ସଚିବ ମେହମୁଦ ଅହମ୍ମଦ ଏବଂ ପରିବହନ ବିଶେଷଜ୍ଞ ଅନିଲ ଛିକାରା ଆଲୋଚନାରେ ଅଂଶ ଗ୍ରହଣ କରିବେ । କାର୍ଯ୍ୟକ୍ରମ ସମୟରେ ଶ୍ରୋତାମାନେ ସଡ଼କ ସୁରକ୍ଷା ସମ୍ବନ୍ଧୀୟ ସେମାନଙ୍କର ପ୍ରଶ୍ନ ପଚାରି ପାରିବେ । ଏଥିପାଇଁ ସେମାନଙ୍କୁ 011-23421050 ଓ 011-23314444 ନମ୍ବରକୁ ଡାଏଲ୍‌ କରିବାକୁ ହେବ । ଏହା ବ୍ୟତୀତ ଶ୍ରୋତାମାନେ 9289094044 ନମ୍ବରକୁ ହ୍ୱାଟ୍‌ସଆପ୍‌ ଏବଂ

ସାମାଜିକ ଗଣମାଧ୍ୟମ X ରେ ହାସ୍‌ଟ୍ୟାଗ୍ ask air ମାଧ୍ୟମରେ ପ୍ରଶ୍ନ ପଚାରି ପାରିବେ । ଏହା ଆଜି ରାତି ୯ଟା ୩୦ ମିନିଟ୍‌ରେ ଆକାଶବାଣୀ ଗୋଲ୍‌ଡ ଚ୍ୟାନେଲ୍ ଓ ଅତିରିକ୍ତ ଫ୍ରିକୁଏନ୍ସ ଗୁଡ଼ିକରୁ ଶୁଣାଯାଇ ପାରିବ । ଏହା ବ୍ୟତୀତ ଆମର ୱେବ୍‌ସାଇଟ୍ news on air.gov.in ଏବଂ ୟୁଟ୍ୟୁବ୍ ଚ୍ୟାନେଲ୍ news on air official ରେ ଏହା ଉପଲବ୍ଧ ହେବ ।

# ଗାଜା ସିଜ୍‌ଫାୟାର ଡିଲ୍

ଇସ୍ରାଏଲ ଏବଂ ପାଲେଷ୍ଟାଇନ ଆତଙ୍କବାଦୀ ସଂଗଠନ ହମାସ ମଧ୍ୟରେ ଅସ୍ତ୍ରବିରତି ଚୁକ୍ତିର ପ୍ରଥମ ପର୍ଯ୍ୟାୟରେ ଆଜି  ବନ୍ଧକଙ୍କୁ ମୁକ୍ତି କରିବା ପ୍ରକ୍ରିୟା ଆରମ୍ଭ ହୋଇଛି । ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତ୍ୟାନ୍ୟାହୁ ସାମାଜିକ ଗଣମାଧ୍ୟମରେ ଏହି ବିଷୟରେ ସୂଚନା ଦେଇଛନ୍ତି । ନିର୍ଦ୍ଧାରିତ ସମୟର ୩ ଘଣ୍ଟା ବିଳମ୍ବରେ ସ୍ଥାନୀୟ ସମୟ ପୂର୍ବାହ୍ନ ୧୧ଟା ୧୫ମିନିଟରେ ଏହି ପ୍ରକ୍ରିୟା ଆରମ୍ଭ ହୋଇଥିଲା । ଇସ୍ରାଏଲ ପ୍ରଧାନମନ୍ତ୍ରୀ କହିଛନ୍ତି, ମୁକ୍ତ ହୋଇଥିବା ବନ୍ଧକମାନଙ୍କର ବିଷୟରେ ସବିଶେଷ ବିବରଣୀ ଯାଞ୍ଚ କରାଯାଉଛି । ଗଣମାଧ୍ୟମର ରିପୋର୍ଟ ଅନୁସାରେ, ବନ୍ଧକମାନଙ୍କର ମୁକ୍ତି ଖବର ପାଇ ଯୁଦ୍ଧ ପ୍ରଭାବିତ ଅଞ୍ଚଳରେ ଉତ୍ସବର ବାତାବରଣ ସୃଷ୍ଟି ହୋଇଛି । କତାର ଏହି ଯୁଦ୍ଧବିରତି

ଆରମ୍ଭକୁ ନିଶ୍ଚିତ କରିଛି ଏବଂ କହିଛି ମୁକ୍ତ ହେବାକୁ ଥିବା ପ୍ରାରମ୍ଭିକ ତିନି ବନ୍ଧକଙ୍କ ମଧ୍ୟରୁ କେତେକ ବିଦେଶୀ ନାଗରିକତା ରଖିଛନ୍ତି।

ଭାରତରେ ଅବସ୍ଥାପିତ ଇସ୍ରାଏଲ ରାଷ୍ଟ୍ରଦୂତ ରୁଭେନ୍ ଆଜାର କହିଛନ୍ତି, ଇସ୍ରାଏଲ ଅସ୍ତ୍ରବିରତି ପାଇଁ ସ୍ୱାକ୍ଷର କରିଥିବା ଚୁକ୍ତିର ପ୍ରଥମ ପର୍ଯ୍ୟାୟ ଆରମ୍ଭ ହୋଇଥିବାରୁ ଆମ ବନ୍ଧକମାନେ ଫେରି ଆସିବାର ସମ୍ଭାବନା ବଢ଼ିଛି ଏବଂ ଏହି ଚୁକ୍ତି ଦ୍ୱାରା ଅକ୍ଟୋବର ୭, ୨୦୨୩ ଭଳି ଇସ୍ରାଏଲବାସୀଙ୍କୁ ହତ୍ୟା କରିବାରେ ହମାସ ଆଉ ସକ୍ଷମ ହେବ ନାହିଁ ବୋଲି ଆଜାର କହିଛନ୍ତି।

## ହକି ଇଣ୍ଡିଆ ଲିଗ୍

ରାଉରକେଲାର ବିର୍ସାମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମରେ ହକି ଇଣ୍ଡିଆ ଲିଗ୍‌ର ଦୁଇଟି ମ୍ୟାଚ୍ ଆଜି ଅନୁଷ୍ଠିତ ହେଉଛି। ମହିଳା ବର୍ଗରେ ଓଡ଼ିଶା ୱାରିୟର୍ସ’ ଓ ସ୍ରାଚିରାହ ବେଙ୍ଗଲ ଟାଇଗର୍ସ ମଧ୍ୟରେ ଚାଲିଥିବା ମ୍ୟାଚ୍‌ରେ ସମ୍ବାଦ ପ୍ରସ୍ତୁତ ହେବା ବେଳକୁ ଓଡ଼ିଶା ୱାରିୟର୍ସ ୨-୧ ଗୋଲ୍‌ରେ ଆଗୁଆ ଥିଲା।

ରାତି ୮ଟା ୧୫ ମିନିଟ୍‌ରେ ପୁରୁଷ ବର୍ଗରେ କଳିଙ୍ଗ ଲାନ୍ସର୍ସ ଏବଂ ଏସ୍‌ଜି ପାଇପର୍ସ ମଧ୍ୟରେ ମୁକାବିଲା ହେବ ।

# ଇଣ୍ଡିଆ ଓପନ୍ ବ୍ୟାଡମିଣ୍ଟନ ଫାଇନାଲ୍ସ

ନୂଆଦିଲ୍ଲୀରେ ଚାଲିଥିବା ଇଣ୍ଡିଆ ଓପନ୍ ବ୍ୟାଡମିଣ୍ଟନରେ ଡେନମାର୍କର ଭିକ୍ଟର ଆକ୍ସେଲସେନ୍ ପୁରୁଷ ସିଙ୍ଗଲ୍ସ ଟାଇଟଲ ଜିତିଛନ୍ତି। ଫାଇନାଲରେ ସେ ହଂକଂର ସି ୟିଉ ଲିଙ୍କୁ ୨୧-୧୬, ୨୧-୮ ସେଟ୍‌ରେ ପରାସ୍ତ କରିଛନ୍ତି।

ଅନ୍ୟପକ୍ଷରେ, ମହିଳା ସିଙ୍ଗଲ୍ସରେ ଦକ୍ଷିଣ କୋରିଆର ଆନ୍ ସେ ୟଙ୍ଗ୍ ଫାଇନାଲ୍‌ରେ ଥାଇଲାଣ୍ଡର ପି. ଚୋଚୁଓ୍ୱାଙ୍ଗଙ୍କୁ ୨୧-୧୨, ୨୧-୯ରେ ପରାସ୍ତ କରି ଟାଇଟଲ୍ ହାସଲ କରିଛନ୍ତି।